ଏହି ପ୍ରଶ୍ନପତ୍ରରେ **13**ଟି ପ୍ରଶ୍ନ ରହିଛି ଏବଂ ଏଥିରେ **7** ପୃଷ୍ଠା ଅଛି।

ରୋଲ ନଂ | | | | | | | | | | | | |

କୋଡ଼ ନଂ : **53/SS/O/OR**

ସେଟ୍ **A**

# ଓଡ଼ିଆ

## (305)

ପରୀକ୍ଷା ଦିନ ଓ ତାରିଖ : ..........................................................................................

ପରୀକ୍ଷକଙ୍କ ଦସ୍ତଖତ : 1. ..........................................................................

2. ..........................................................................

---

ନିର୍ଦ୍ଦେଶାବଳୀ :

1. ପରୀକ୍ଷାର୍ଥୀ ନିଜ ରୋଲ ନମ୍ବର (Roll Number) ପ୍ରଶ୍ନପତ୍ର ଉପରେ ଲେଖିବା ଆବଶ୍ୟକ ।

2. ପ୍ରଶ୍ନପତ୍ରକୁ ସଠିକ୍‌ଭାବେ ନିରୀକ୍ଷଣ କର, ଯେପରି ଏହାର ସମସ୍ତ ପୃଷ୍ଠା, ପ୍ରଶ୍ନସଂଖ୍ୟା ସଠିକ୍‌ଭାବେ ରହିଅଛି। ଏହା ସହିତ ପ୍ରଶ୍ନ କ୍ରମକୁ ମଧ୍ୟ ସଠିକ୍‌ଭାବେ ନିରୀକ୍ଷଣ କର ।

3. ପରୀକ୍ଷା ଖାତାରେ ପ୍ରମୁଖ ପୃଷ୍ଠା ବ୍ୟତୀତ ନିଜ ରୋଲ ନମ୍ବର ଅନ୍ୟ କୌଣସି ପୃଷ୍ଠାରେ ଲେଖିବା ମନା ।

4. ପ୍ରଶ୍ନ–ଉତ୍ତର ଖାତାରେ ପ୍ରଶ୍ନ କୋଡ଼ ସଂଖ୍ୟା (Paper Code No. 53/SS/O/OR) ଲେଖିବାକୁ ହେବ ।

# ଓଡ଼ିଆ

# (305)

ସମୟ : 3 ଘଣ୍ଟା ]                                                    [ ପୂର୍ଣ୍ଣ ସଂଖ୍ୟା : 100

ନିର୍ଦ୍ଦେଶ : **ସମସ୍ତ** ପ୍ରଶ୍ନ ବାଧ୍ୟତାମୂଳକ ଅଟେ ।

**1.** (କ) ନିମ୍ନଲିଖିତ ଯେକୌଣସି **ଚାରୋଟି** ଶବ୍ଦର ବିପରୀତ ଶବ୍ଦ ଲେଖ : 1×4=4

ରକ୍ଷକ, ଜନ୍ମ, ଇଚ୍ଛା, ହାନି, ରୋଗୀ, ଜୟ, ନ୍ୟାୟ

(ଖ) ନିମ୍ନଲିଖିତ ଯେକୌଣସି **ଚାରୋଟି** ରୂଢ଼ିର ଅର୍ଥ ଲେଖ : 1×4=4

ଅରଣ୍ୟରୋଦନ, ଅଣ୍ଟିଛୁରୀ ତଣ୍ଟିକାଟିବା, କାଠିକର ପାଠ, ଜିରାରୁଶିରା କାଢ଼ିବା,
ତେଲିଆ ମୁଣ୍ଡରେ ତେଲ, ତିଳକୁ ତାଳ କରିବା, ଝିଣ୍ଟିକା ମାରି ବଣିପୋଷିବା

(ଗ) ନିମ୍ନଲିଖିତ ଯେକୌଣସି **ଚାରୋଟିର** ଶୁଦ୍ଧ ରୂପ ଲେଖ : 1×4=4

ସାହାର୍ଯ୍ୟ, ଉର୍ଦ୍ଧ, ସବାନ୍ଧବେ, ଦିବାରାତ୍ରି, ପୁରସ୍କାର, ଅଧକ୍ଷ, ଏକତ୍ରେ

(ଘ) ନିମ୍ନଲିଖିତ ଶବ୍ଦଗୁଡ଼ିକ ବିଶେଷ୍ୟପଦ, ଏଗୁଡ଼ିକର ବିଶେଷଣ ପଦ ଲେଖ (ଯେକୌଣସି **ଚାରୋଟିର**) : 1×4=4

ଅଂଶ, ଧର୍ମ, ପ୍ରବନ୍ଧ, ପ୍ରକୃତି, ଅକ୍ଷର, ପରମ୍ପରା, କୂଳ

**2.** ବନ୍ଧନୀମାନଙ୍କ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ମୁଁ ______ ମାଆ, ମୋତେ ଛୁଇଁଲେ ଜାତି ଯିବ ।

( ବିଦେଶୀ, ଅଜାତିଆ, ଦେଶଦ୍ରୋହୀ, ଗୋବଧକାରୀ )

(ଖ) ରାତିରେ ଶାନ୍ତ ନୀରବ ମୁହୂର୍ତ୍ତ ______ ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇ ଉଠିଲା ।

( ସ୍ୱାଧୀନ ଭାରତ କି ଜୟ, ମହାତ୍ମା ଗାନ୍ଧୀ କି ଜୟ, ଇନ୍‌କିଲାବ ଜିନ୍ଦାବାଦ )

(ଗ) ଲଣ୍ଡନରୁ ସଂଧ୍ୟାରେ ______ ସଂବାଦପତ୍ର ପ୍ରକାଶ ପାଏ ।

( 2 ଖଣ୍ଡ, 3 ଖଣ୍ଡ, 7 ଖଣ୍ଡ )

(ଘ) କାର୍‌ରେ ସମୁଦାୟ ______ ବସିଥିଲେ ।

( ଜଣେ, ଦୁଇଜଣ, ତିନିଜଣ, ଚାରିଜଣ )

(ଙ) ଲେଖକଙ୍କ ମତରେ ମଣିଷ ଦେଖିବାକୁ ______ ପରି ।

( ଓଲଟ ବୃକ୍ଷ, ଥୁଣ୍ଟାଗଛ, କଣ୍ଟାଗଛ, ଫଳନ୍ତିଗଛ )

**3.** ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ______ ସୁଖରେ ଥିଲେ ଯମରାଜା ପ୍ରାଣନେଇ ପାରେନା ।

( ପ୍ରଜା, ପଶୁ, ଗଜ, ଯୋଗ )

(ଖ) ଘୋଡ଼ା ______ ଟାଣେ ।

( ଗାଡ଼ି, ସାଇକେଲ, ମଟର )

(ଗ) କୃଷ୍ଣ ରଥରେ ______ ମାନେବସି ପୃଥିବୀକୁ ଅବତରଣ କରନ୍ତି।

( ଦେବକନ୍ୟା, ବାଳିକା, ଦେବତା )

(ଘ) ଭୁଆସୁଣୀ ______ ରେ ସ୍ନାନ କରେ ।

( ଗାଁ ପୋଖରୀ, ନଦୀ, ନାଳ )

(ଙ) ସଂଧ୍ୟା ଗାଥା ଗାଇ ______ ସ୍ୱସଦନକୁ ଫେରି ଆସନ୍ତି ।

( ପକ୍ଷୀମାନେ, ମାଙ୍କଡ଼, ବାଘ )

**4.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର (ଯେକୌଣସି **ତିନୋଟିର**) : 1×3=3

(କ) ନବଘନବାବୁ ______ ବିଭାଗର ଜଣେ ପଦସ୍ଥ କର୍ମଚାରୀ ।

( ବିକ୍ରୀ କର, ବାଣିଜ୍ୟ କର, ଟିକସ ବିଭାଗ, ଡାକ୍ତରୀ ବିଭାଗ )

(ଖ) ______ ର ମନଟା ତଟୁଘୋଡ଼ା ।

( ପ୍ରଭାକର, ନଟବର, ଶକୁନ୍ତଳା, ନରହରି )

(ଗ) ଗାଁରେ ତିଷ୍ଠିବାକୁ ହେଲେ ______ ଙ୍କ ସହିତ ହାତ ମିଳାଇବାକୁ ହେବ ।

( ଯୁବଗୋଷ୍ଠୀ, ଗାଁରମୁଖିଆ, ସରପଞ୍ଚ )

(ଘ) ପ୍ରବୀର ଗୋଟିଏ ଗୀତ ପାଇଁ ______ ଟଂକାନେବେ ବୋଲି ବେବୀର ମନ୍ତବ୍ୟ ଥିଲା ।

( ଏକହଜାର, ପାଞ୍ଚଶହ, ଦୁଇହଜାର )

(ଙ) ପ୍ରଭାକର ______ ଭଲ ପାଆନ୍ତି ।

( ଗାଁକୁ, ସହରକୁ, ନିଜ ଅଫିସକୁ , ନିଜ ଘରକୁ )

**5.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ : 2×4=8

(କ) କିଛି ଖେଳାଳୀ କାହାକୁ ସମାନ ଆଖିରେ ଦେଖନ୍ତି ?

(ଖ) ଗାଁ ବାତାବରଣ କାହା ପାଇଁ ଅନୁକୂଳ ?

(ଗ) ବିଦାୟବେଳେ ଅଧକ୍ଷ କ'ଣ କହିଲେ ?

(ଘ) ଭାରତର ରାଜନୀତିକ ଗୌରବ କ'ଣ ?

(ଙ) ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି ଭାରତର ପବିତ୍ରତମ ଦାବି—ଏହା କିଏ କାହାକୁ କହିଛି ?

(ଚ) ରାୟବାହାଦୂର ରାତିସାରା ଚେଇଁଲେ କାହିଁକି ?

(ଛ) 'ଜାତିରଧକ୍କା' ଗଳ୍ପରେ ସମସ୍ତେ ନିଜକୁ କ'ଣ ବୋଲି ପରିଚୟ ଦେଉଥିଲେ ।

**6.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) କ'ଣ କଲେ ରାଜାଙ୍କୁ ଦୋଷ ଲାଗିବନି ଏବଂ ରାଜ୍ୟରେ ଲକ୍ଷ୍ମୀ ବିରାଜ ମାନ କରିବେ ?

(ଖ) ଯୁଧିଷ୍ଠିରଙ୍କ କେଉଁକଥା ଶୁଣି ଭୀଷ୍ମ ହସିଲେ ?

(ଗ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ଓ କାହିଁକି ?

(ଘ) 'ଡ଼ାଆପିଆ ଖରା' କବିତାରେ କବି କାହାକୁ ପିଣ୍ଡାରେ ବସିବାକୁ କହିଛନ୍ତି ଓ କାହିଁକି ?

(ଙ) 'ଶେଫାଳୀ ପ୍ରତି' କବିତାରେ ସଂଧ୍ୟା ସମୟରେ କି ପରିବେଶ ସୃଷ୍ଟି ହୋଇଥିଲା ବୋଲି କବି କହିଛନ୍ତି ?

(ଚ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ ।

(ଛ) ମାମୁଁଘର କିପରି କେଉଁଠାରୁ ଦେଖାଯାଏ ?

**7.** ନିମ୍ନଲିଖିତ ପ୍ରଶ୍ନ ମଧ୍ୟରୁ ଯେକୌଣସି **ଚାରୋଟିର** ସଂକ୍ଷିପ୍ତ ଉତ୍ତର ଦିଅ : 2×4=8

(କ) ଏଗୁଡାକ ଆଉ ମଣିଷ ହେବେନି, କିଏ କାହାକୁ କେଉଁ ପ୍ରସଙ୍ଗରେ କହିଛି ?

(ଖ) ନବଘନଙ୍କୁ, ହେମାଙ୍ଗିନୀଙ୍କର କେଉଁ କଥା ଭଲ ଲାଗେନା ?

(ଗ) ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମ ଦିନରେ କ'ଣ କରିଥିଲେ ?

(ଘ) ସାରାଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

(ଙ) ପ୍ରଭାକର ଗାଁରେ କ'ଣ ଖୋଜିବେ ବୋଲି କହିଛନ୍ତି ?

(ଚ) ଗାଁରେ ତିଷ୍ଠିରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଛ) ଆଜିର ସମୟରେ ଗାଁର ବଞ୍ଚିବାର ସାର୍ଥକତା କାହିଁକି ନାହିଁ ?

**8.** ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) ବାହ୍ୟ ଅବୟବରୁ ପ୍ରକୃତ ମଣିଷ ଚିହ୍ନି ହୁଏ ନାହିଁ—ପଠିତ ରମ୍ୟ ରଚନା ଅବଲମ୍ବନରେ ଉତ୍ତରଦିଅ ।

(ଖ) ଭୂତ ଗଳ୍ପ ଆମକୁ କି ଶିକ୍ଷାଦିଏ ? ଆଲୋଚନା କର ।

(ଗ) ଇଂଲଣ୍ଡରେ ଭୋଟ ଦେବାର ବ୍ୟବସ୍ଥା ସଂପର୍କରେ ଲେଖକଙ୍କ ଅଭିଜ୍ଞତା ପ୍ରଦାନ କର ।

**9.** ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 4

(କ) ଜଣେ ଆଦର୍ଶ ରାଜା ହେବା ପାଇଁ ଭୀଷ୍ମ ଯୁଧିଷ୍ଠିରଙ୍କୁ କି କି ଉପଦେଶ ମାନ ପ୍ରଦାନ କରିଥିଲେ ?

(ଖ) 'ଉତ୍କଳ ସନ୍ତାନ' କବିତା କବି କି କି ଉଦ୍ଦେଶ୍ୟନେଇ ରଚନା କରିଥିଲେ ?

(ଗ) କବିତା 'ଗ୍ରାମ୍ୟପଥ' କବିଙ୍କର ଗ୍ରାମ୍ୟ ଜୀବନରେ ଥିବା ଅନୁଭବ ପ୍ରତିଫଳିତ—ଆଲୋଚନା କର ।

**10.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 4

(କ) ଆଜିକାଲିର ମଣିଷ ଭିତରେ ଆସିଥିବା ନୀତିବୋଧ ଓ ବିଚାରଧାରାଗତ ପରିବର୍ତ୍ତନର ସ୍ୱରୂପ ବର୍ଣ୍ଣନାକର ?

(ଖ) 'ରାଜପଥ ଗ୍ରାମପଥ' ଏକାଙ୍କିକା ନାମକରଣର ଯଥାର୍ଥତା ପ୍ରତିପାଦନ କର ?

(ଗ) ହେମାଙ୍ଗିନୀର ଚରିତ୍ର ଚିତ୍ରଣ କର ?

**11.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରବନ୍ଧ ଲେଖ : 4

(କ) ସମ୍ବାଦ ପତ୍ର

(ଖ) ବେକାର ସମସ୍ୟା

(ଗ) ମହାପୁରୁଷଙ୍କ ଜୀବନୀ ପାଠ

(ଘ) ନାରୀଶିକ୍ଷା

**12.** ତୁମେ ରହୁଥିବା ଅଞ୍ଚଳରେ ନାଳ-ନର୍ଦ୍ଦମା ତଥା ଅଳିଆ ଆବର୍ଜନା ପରିଷ୍କାର କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କ ନିକଟକୁ ଏକ ଦରଖାସ୍ତ ଲେଖ । 4

କିମ୍ବା

ପୁସ୍ତକ ମେଳା ଦେଖାର ଅନୁଭୂତି ବର୍ଣ୍ଣନା କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

**13.** ନିମ୍ନଲିଖିତ ପରିଚ୍ଛେଦଟି ପାଠ କରି ପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଦିଅ :

ମାତୃଭୂମି ମଣିଷର ସବୁଠାରୁ ଅଧିକ ପ୍ରିୟ, ମାତୃତ୍ୱର ଅନାବିଳ ଧାରାପରି ମାତୃଭାଷାର ମମତା ମଣିଷକୁ ଏକତା ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥାଏ । ଭାରତ ବର୍ଷରେ ଭାଷା ଓ ଉପଭାଷାକୁ ମିଶାଇ ଏକ ହାଜାରରୁ ଊର୍ଦ୍ଧ୍ୱ ରହିଥିଲେ ହେଁ ପାଖାପାଖି ୨୦ଟି ସଂବିଧାନ ସମ୍ମତ ଭାଷାମଧ୍ୟରୁ ଭାରତର ରାଷ୍ଟ୍ରଭାଷା ହିନ୍ଦୀ ଅଟେ । ପ୍ରାଚୀନ ଭାରତରେ ସଂସ୍କୃତ ଥିଲା ରାଜଭାଷା । ଏହାକୁ ଭାରତରେ ଦେବଭାଷା ବୋଲି କୁହାଯାଇଥାଏ । ଅତୀତରେ ଭାରତବର୍ଷରେ ମୁସଲମାନ ରାଜତ୍ୱରେ ଉର୍ଦ୍ଦୁ ଓ ପାର୍ସୀ ଭାଷାର ପ୍ରଚଳନ ଘଟିଥିଲା । ମାତ୍ର ଏ ଦେଶକୁ ଇଂରେଜମାନେ କବଳିତ କରିବା ପରେ ଭାରତରେ ଇଂରାଜୀ ଭାଷାକୁ ରାଜଭାଷାର ମର୍ଯ୍ୟାଦା ଦିଆଗଲା । ଶିକ୍ଷା କ୍ଷେତ୍ରରେ ମଧ୍ୟ ଇଂରାଜୀ ଭାଷାକୁ ମାଧ୍ୟମ କରାଗଲା । ଆମର ରାଷ୍ଟ୍ରଭାଷା ହିନ୍ଦୀ ହେଲେ ମଧ୍ୟ ଦକ୍ଷିଣ ଭାରତରେ ଇଂରାଜୀ ଅଧିକ ଲୋକ ପ୍ରିୟ । ରାଷ୍ଟ୍ରଭାଷା ହିନ୍ଦୀ ପୂର୍ବରୁ ଇଂରାଜୀ ଏ ଦେଶରେ ରାଜଭାଷା ଥିଲେହେଁ ବିଦେଶୀ ଭାଷା ଦୃଷ୍ଟିରୁ ଏହାକୁ ରାଷ୍ଟ୍ରଭାଷା ମର୍ଯ୍ୟାଦା ଦିଆ ନଗଲେ ମଧ୍ୟ ଏକ ସଂଯୋଗକାରୀ ଭାଷାରୂପେ ରଖିଦିଆଗଲା । ମାତ୍ର ରାଜ୍ୟସ୍ତରରେ ମାତୃଭାଷା ବା ଆଞ୍ଚଳିକ ଭାଷାରେ ଶିକ୍ଷା ସର୍ବଶ୍ରେଷ୍ଠ ବୋଲି ଅନେକ ବିଶେଷଜ୍ଞ ମତ ଦିଅନ୍ତି ।

(କ) ମଣିଷର ସବୁଠାରୁ ଅଧିକ ପ୍ରିୟ କିଏ ? 2

(ଖ) କାହାର ମମତା ମଣିଷକୁ ଏକତା ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥାଏ ? 2

(ଗ) ଭାରତରେ କେତୋଟି ସଂବିଧାନ ସମ୍ମତ ଭାଷା ଅଛି ? 1

(ଘ) ବିଶେଷଜ୍ଞମାନେ ରାଜ୍ୟସ୍ତରରେ ଶିକ୍ଷାଦାନର ମାଧ୍ୟମ କେଉଁଭାଷା ସର୍ବଶ୍ରେଷ୍ଠ ବୋଲି ମତ ପ୍ରଦାନ କରିଛନ୍ତି ? 2

(ଙ) ଭାରତରେ ଭାଷା ଓ ଉପଭାଷାକୁ ମିଶାଇ ପ୍ରାୟ କେତୋଟି ଭାଷା ଅଛି ? 2

(ଚ) ଇଂରାଜୀ ଭାଷାକୁ ରାଷ୍ଟ୍ରଭାଷା ମର୍ଯ୍ୟାଦା ନ ଦେବାର କାରଣ କ'ଣ ? 2

★ ★ ★